# Akashvani, Sambalpur

## SAMBALPURI NEWS EVENING BULLETIN

## 26 November 2024- 7.02 pm- 7.12 pm.

*******************************************

୧- ଦେଶ୍ ପାଲନ୍ କରୁଛେ ୭୫ ନମ୍ବର୍ ସମ୍ବିଧାନ୍ ଦିବସ୍ ।

- ସମ୍ବିଧାନ୍ ଦେଶର୍ ଗୁଟେ ସକ୍ରିୟ ଆଉ ପ୍ରଗତିଶୀଳ ଦସ୍ତାବିଜ୍ କହେଲେ ରାଷ୍ଟ୍ରପତି ।

୨- ବିଧାନ୍‌ସଭାର୍ ଶୀତକାଳୀନ୍ ଅଧିବେଶନ୍ ଆଏଜ୍‌ଠାନୁ ହେଲା ମୁଲ୍ ।

- ୨୦୨୪-୨୫ ଆର୍ଥିକ୍ ବଛରର୍ ଲାଗି ୧୨ ହଜାର୍ ଶହେ ୫୬ କୋଟିର ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ସାଧାରଣ ନିର୍ବାଚନ୍‌ଥି ପେପର୍ ବାଲାଟ୍ ବ୍ୟବସ୍ଥା ଫେର୍‌ଘାଏ ଚଲାବାର୍‌କେ ହେଇଥିବା ଜନସ୍ୱାର୍ଥ ମାମ୍‌ଲାକେ ଖାରଜ୍ କଲେ ସୁପ୍ରିମ୍‌କୋର୍ଟ ।

ଆଉର୍

୪- ଓଡ଼ିଶାର୍ ଖାଲିପଡ଼ିଥିବା ଗୁଟେ ରାଜ୍ୟସଭା ଆସନ୍ ଲାଗି ଆଏବା ୨୦ ତାରିଖ୍ ଦିନ ହେବା ଭୋଟ୍ ।

ସମ୍ବିଧାନ୍ ଦିବସ-ରାଷ୍ଟ୍ରପତି          ଆର୍ଏନ୍ୟୁ/ କଟକ୍

ଭାରତ୍‌ର ସମ୍ବିଧାନ୍ ଗୁଟେ ସକ୍ରିୟ ଆଉ ପ୍ରଗତିଶୀଳ ଦସ୍ତାବିତ୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ସମ୍ବିଧାନ୍ ଦିବସ୍ ଅବ୍‌ସରେ ନୂଆଦିଲ୍ଲୀର୍ ସମ୍ବିଧାନ୍ ସଦନ୍‌ର କେନ୍ଦ୍ରୀୟ କକ୍ଷ ନ ହେଇଥିବା ଗୁଟେ ଭବ୍ୟ କାର୍ଯ୍ୟକ୍ରମ୍‌କେ ସମ୍ବୋଧିତ୍ କରିକରି ରାଷ୍ଟ୍ରପତି କହିଛନ୍ ଯେ, ସମ୍ବିଧାନ୍ ଜରିଏ ଦେଶ୍ ସାମାଜିକ୍ ନ୍ୟାୟ ଆଉ ସମାବେଶୀ ବିକାଶ୍ ଲକ୍ଷ୍ୟ ହାସଲ୍ କରିଛେ । ଶ୍ରୀମତୀ ମୁର୍ମୁ କହିଛନ୍ ଯେ, ସମାଜ୍‌ର ସବୁ ବର୍ଗ ଖାସ୍ କରି ଦୁର୍ବଳ ବର୍ଗଙ୍କର୍ କଲ୍ୟାଣ୍ ଲାଗି ସର୍‌କାର୍ ଗଲାବଛର୍ ମାନ୍‌କେ ବହୁତ୍‌ଟେ ପଦକ୍ଷେପ୍ ନେଇଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ଇ ଅବ୍‌ସରେ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍ କହିଛନ୍ ଯେ, ଆଝିର୍ ଦିନେ ଗୁଟେ ଐତିହାସିକ ମାଇଲ୍ ଖୁଂଟ ପୁର୍‌ଥିର୍ ସବୁଠାନୁ ବଡ଼ ଆର୍ ସକ୍ରିୟ ଗଣତନ୍ତ୍ର ଲାଗି ଇଟା ଗୁଟେ ଉଲ୍ଲେଖନୀୟ ଉପଲବ୍ଧି । ସେ କହିଛନ୍ ଯେ, ଦେଶର୍ ଅର୍ଥନୈତିକ ଅଭିବୃଦ୍ଧି, ସୁଦୃଢ଼ ଭିତିଭୂମି ଆର୍ ବ୍ୟାପକ ଡିଜିଟାଲ୍ ବ୍ୟବସ୍ଥା ଆନ୍ତର୍ଜାତିକ କ୍ଷେତ୍ରଥି ସ୍ୱିକୃତୀ ଦେଇଛେ । ଇ ସଫଲତା ପ୍ରମାଣ୍ କରୁଛେ ଯେ, ଆମର୍ ସମ୍ବିଧାନ୍ ଭାରତୀୟ ଗଣତନ୍ତ୍ରକେ ପ୍ରଭାବ୍‌ଶାଲୀ କରିଛେ । ସମ୍ବିଧାନ୍‌ର ମୂଳ ମୂଲ୍ୟବୋଧ ଉପ୍‌ରେ

ପ୍ରତିଫଳନ କର୍‌ବାର୍ ଆଉ ଇତାର୍ ପ୍ରତିବଦ୍ଧତାକେ ଦୁହୁରାବାର୍ ଲାଗି ଉପରାଷ୍ଟ୍ରପତି ଶ୍ରୀ ଧନ୍‌ଖଡ଼୍ ଆହ୍ୱାନ୍ ଦେଇଛନ୍ ।

ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ ଯେ, ଭାରତୀୟ ସମ୍ବିଧାନ୍ ହେଉଛେ ଭାରତୀୟଙ୍କର୍ ବର୍ଷ ବର୍ଷର୍ ତପସ୍ୟା, ତ୍ୟାଗ ଆଉ ଶକ୍ତିର ଫଳ । ଦେଶର୍ ଭୌଗୋଲିକ୍ ଆର୍ ସାମାଜିକ୍ ବିବିଧତାକେ ଗୁଟେ ସୂତାଥି ବାନ୍ଧି ରଖିବାର୍ ଲାଗି ପାଖାପାଖି ୩ ବଛର୍‌ର କଠିନ୍ ପରିଶ୍ରମ୍ ଉତ୍‌ରୁ ସମ୍ବିଧାନ୍ ତିଆର୍ ହେଇଥିଲା । ଆଏଜ୍ ଦେଶର୍ ସାମାଜିକ୍ ଆର୍ ଅର୍ଥନୈତିକ୍ ପରିବର୍ତନ୍ ଲାଗି ସମ୍ବିଧାନ୍ ଗୁଟେ ପ୍ରେରଣାପୂର୍ଣ୍ଣ ଶକ୍ତି ପ୍ରମାଣିତ୍ ହେଇଛେ ବଲି ଶ୍ରୀ ବିର୍ଲା କହିଛନ୍ ।

ଇ ଅବ୍‌ସରେ ରାଷ୍ଟ୍ରପତି ଗୁଟେ ସ୍ମାରକୀ ଡାକଟିକଟ୍ ଆର୍ ମୁଦ୍ରା ଉନ୍ମୋଚନ୍ କରିଛନ୍ । ଇ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀମାନେ, ଲୋକ୍‌ସଭା ଆର୍ ରାଜ୍ୟସଭାର ବିରୋଧୀ ଦଲ ନେତା, ସାଂସଦ୍, ଆର୍ ଅଲ୍‌ଗା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ୍ ଥିଲେ ।

ପ୍ରଧାନ୍‌ମନ୍ତ୍ରୀ-ସମ୍ବିଧାନ୍ ଦିବସ୍ ଆର୍‌ଏନ୍‌ୟୁ/

ଭାରତ୍ ଆଏଜ୍ ପରିବର୍ତନ୍ ଯୁଗ ଦେଖୁଛେ । ଇଥିର୍‌ଲାଗି ସମ୍ବିଧାନ୍ ଏଛେନ୍ ଆର୍ ଭବିଷ୍ୟତ୍‌ର ମାର୍ଗଦର୍ଶନ୍ ଦଉଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସୁପ୍ରିମ୍‌କୋର୍ଟ

ନ ହେଇଥିବା ସମ୍ବିଧାନ୍ ଦିବସ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ସମ୍ବିଧାନ୍ ପ୍ରଣୟନ୍ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ଆଘୋନୁ ଜାନିଥିଲେ, ସମୟ ସାଙ୍ଗେ ଭାରତ୍ ଆକାଂକ୍ଷା ଆଉ ସପନ୍‌ର ନୂଆଁ ଶିଖର୍‌କେ ପୁହୁଁଚିବା । ସେଥିର୍‌ଲାଗି ସମ୍ବିଧାନ୍‌ଥି ସମିଆ ସମିଆଥି ପରିବର୍ତନ୍‌ର ପରିସର୍‌କେ ସେମାନେ ବ୍ୟାପକ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଏଜ୍ ଫି ଭାରତୀୟ ବିକଶିତ୍ ଭାରତ୍ ନିର୍ମାଣ୍‌ର ଲକ୍ଷ୍ୟ ରଖିଛେ । ଇ ଦିଗେ ସମ୍ବିଧାନ୍ ନୂଆଁ ଦିଗନ୍ତ ପ୍ରଦାନ୍ କରୁଛେ ।

ସମ୍ବିଧାନ୍ ଦିବସ- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ସମ୍ବିଧାନ୍‌ର ମୂଲ୍ୟବୋଧ ଲାଗି ସଚେତନ୍ ରହିକରି ନିଜର୍ ମୌଳିକ କର୍ତବ୍ୟକେ ପାଲନ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସମ୍ବିଧାନ୍ ହେଉଛେ ଆମର୍ ସ୍ୱାଧୀନ୍ ଭାରତ୍‌ର ପୂଣ୍ୟଗ୍ରନ୍ଥ । ଇ ଅବ୍‌ସରେ ସମ୍ବିଧାନ୍ ଚିଠା ତିଆର୍ କମିଟିର୍ ଅଧ୍ୟକ୍ଷ ଡକ୍ଟର୍ ବାବା ସାହେବ ଭୀମରାଓ ଆମ୍ବେଦ୍‌କର୍‌ଙ୍କର୍ ଭୁବ୍‌ନେଶ୍ୱର୍ ଏଜି ଛକ ନ ଥିବା ପ୍ରତିମୂର୍ତିଥି ପୁଷ୍ପମାଲ୍ୟ ଦେବାର୍ ସହେତେ ଲୋକ୍‌ମାନ୍‌କୁ ସମ୍ବିଧାନ୍‌ର ମୁଖବନ୍ଧକେ ମୁଖ୍ୟମନ୍ତ୍ରୀ ପାଠ କରେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱରେ ଏଜି ଛକରୁ କେପିଟାଲ୍ ହସ୍ପିଟାଲ୍ ଯାଏଁ ପାଖାପାଖି ୧ ହଜାର୍ ଲୋକ୍ ଗୁଟେ ପଦଯାତ୍ରାରେ 'ଆମ ସମ୍ବିଧାନ୍ - ଆମ ସ୍ୱାଭିମାନ୍' ସ୍ଲୋଗାନ୍ ଦେଇକରି ଯାଇଥିଲେ । କେପିଟାଲ୍ ହସ୍ପିଟାଲ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଁଟିଆ, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ଆର୍ ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ପ୍ରମୁଖ ସଫେଇ କରିଥିଲେ ।

ସମ୍ବିଧାନ୍ ଦିବସ-ରାଜ୍ୟପାଳଙ୍କ ଶୁଭକାମନା ଆର୍‌ଏନ୍‌ୟୁ କଟକ୍

ସମ୍ବିଧାନ୍ ଦିବସ୍ ଅବ୍‌ସରେ ରାଜ୍ୟପାଲ୍ ରଘବର୍ ଦାସ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ରେ ସେ କହିଛନ୍ ଯେ, ପୁର୍‌ଥିର୍ ସବୁନୁ ବଡ଼ ଗଣତନ୍ତ୍ର ଭାରତ୍‌କେ ସମ୍ବିଧାନ୍ ଗୁଟେ ସୂତ୍ରରେ ବାନ୍ଧି ରଖିଛେ । ଭାରତୀୟ ସମ୍ବିଧାନ୍ ହେଉଛେ ଗଣତନ୍ତ୍ରର୍ ଆତ୍ମା ବଲି ରାଜ୍ୟପାଲ୍ କହିଛନ୍ ।

ବିଧାନ୍‌ସଭା ଅଧିବେଶନ-ଅତିରିକ୍ତ ବଜେଟ୍ I&PR

୧୭ ନମ୍ବର୍ ଓଡ଼ିଶା ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ପହେଲା ଦିନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ୧୨ ହଜାର୍ ଶହେ ୫୬ କୋଟି ଟଙ୍କାର୍ ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କରିଛନ୍ । ଇତାର୍‌ଭିତ୍‌ରେ  ଶ୍ରୀମନ୍ଦିର ପରିକ୍ରମାର ବିକାଶ୍ ଲାଗି ୨୬ କୋଟି, ରତ୍ନଭଣ୍ଡାର୍ ଲାଗି ୫ କୋଟି, ଭୁବ୍‌ନେଶ୍ୱର୍ ନ ପ୍ରବାସୀ ଭାରତୀୟ ଦିବସ୍ ପାଲନ୍ ଲାଗି ଶହେ ୨୫ କୋଟି, ସିଏପିଏଫ୍ ମୁତୟନ୍ ଲାଗି ୨ ଶହ ୯୯ କୋଟି, ପୁଲିସ୍ ଷ୍ଟେସନ୍ ଆର୍ ଫାଣ୍ଡି ନ ସିସିଟିଭି ଥାପ୍‌ନା ଲାଗି ୫୧ କୋଟି, ଅଗ୍ନିଶମ ସେବାର ଆଧୁନିକୀକରଣ୍ ଆଉ ସମ୍ପ୍ରସାରଣ ଲାଗି ୬୦ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ ।

ସୂଚ୍‌ନା ଅନ୍‌ସାରେ ଇତାର୍ ଆଘୋନୁ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସଖାଲ୍‌ବେଲା ୧୧ ବଜେ ଗୃହକାର୍ଯ୍ୟ ମୁଲ୍ ହେଇଥିଲା । ପହେଲା ଦିବଙ୍ଗତ ସଦସ୍ୟମାନ୍‌କର୍ ଉଦ୍ଦେଶ୍ୟଥି ଗୃହ ନ ଶୋକପ୍ରସ୍ତାବ୍ ଆଗତ୍ କରାଯାଇକରି ଅମର୍ ଆତ୍ମାକେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଗୃହର୍ ନେତା ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକପ୍ରସ୍ତାବ୍ ଆଗତ୍ କର୍‌ବାର୍ ସହେତେ ପରଲୋକ ହେଇଥିବା ସଦସ୍ୟ ମାନ୍‌କର୍ ଅବଦାନ୍ ବାବ୍‌ଦେ ସ୍ମୃତିଚାରଣ କରିଥିଲେ । ଶୋକପ୍ରସ୍ତାବ୍‌କେ ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍, କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍, ସିପିଆଇଏମ୍

ନେତା ଲକ୍ଷ୍ମଣ ମୁଣ୍ଡା ଶ୍ରଦ୍ଧାଞ୍ଜଳି ଜନାବାର୍ ଉତ୍ରୁ ଗୃହ ନ ନୀରବ୍ ପ୍ରାର୍ଥନା କରାଯାଇଥିଲା ।

## ସାଧାରଣ୍ ନିର୍ବାଚନ୍-ପେପର୍ ବାଲାଟ୍ ବ୍ୟବସ୍ଥା I&PR

ସୁପ୍ରିମ୍‌କୋର୍ଟ ଆଏଜ୍ ସାଧାରଣ୍ ନିର୍ବାଚନ୍‌ଥି ପେପର୍ ବାଲାଟ୍ ବ୍ୟବସ୍ଥା ଫେର୍‌ଘାଏ ଚଲାବାର୍ ଲାଗି ହେଇଥିବା ଜନସ୍ୱାର୍ଥ ମାମ୍‌ଲାକେ ଖାରଜ୍ କରିଦେଇଛନ୍ । ଆବେଦନ୍‌କାରୀ ଡକ୍ଟର୍ କୌଲ୍ ଇଲେକ୍ଟ୍ରୋନିକ୍ ଭୋଟିଂ ମିସିନ୍- ଇଭିଏମ୍ ଥି ଭୁଲ୍ ରହିଥିବା ଅଭିଯୋଗ୍ କରିଥିଲେ । ଜଷ୍ଟିସ୍ ବିକ୍ରମ୍ ନାଥ ଆର୍ ଜଷ୍ଟିସ୍ ପି.ବି. ଭାରାଲେ ଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ କହିଛନ୍ ଯେ, ଆବେଦନ୍‌କାରୀଙ୍କର୍ ଯୁକ୍ତିଥି କେନ୍‌ସି ସତ୍ୟତା ନାଇଁନ । ଇତାର୍‌ସହେତେ କେନ୍‌ସି ରାଜନୈତିକ୍ ଦଲ୍ ପୁରା ଇଭିଏମ୍ ବ୍ୟବସ୍ଥାକେ ନେଇକରି ଅଭିଯୋଗ୍ ନାଇଁ କରି ବଲି ଖଣ୍ଡପୀଠ କହିଛନ୍ ।

## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍- ମହକ I&PR

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍- ମହକ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି

କହିଛନ୍ ଯେ, ଅନାଥ ଛୁଆମାନ୍‌କର୍ ଲାଲ୍‌ନ୍‌ପାଲନ୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପି.ଏମ୍. କେୟାର୍ ଯୋଜ୍‌ନାକେ କୋଭିଡ୍-୧୯ ସମିଆଥି ମୁଲ୍ କରିଥିଲେ । ଏଛେନ୍ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ପରିଚାଲିତ୍ ଶିଶୁ ଯତ୍ନ ଅନୁଷ୍ଠାନ୍ ଅନାଥ୍ ଛୁଆମାନ୍‌କୁ ଲାଲନ୍‌ପାଲନ୍ କରୁଛେ । ଇ ଅବ୍‌ସରେ ଶିଶୁ ସୁରକ୍ଷା ସହାୟତା ନମ୍ବର୍ ୧୦୯୮ ର ଭିଡ଼ିଓକେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଲୋକାର୍ପିତ କରିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆର୍ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

## ରାଜ୍ୟସଭା ଆସନ୍ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ନ ଖାଲି ପଡ଼ିଥିବା ଗୁଟେ ରାଜ୍ୟସଭା ଆସନ୍ ଲାଗି ଆଏବା ମାସର୍ ୨୦ ତାରିଖ୍ ଦିନ ଭୋଟ୍ ହେବା । ଭାରତର ନିର୍ବାଚନ୍ ଆୟୋଗଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏବା ୩ ତାରିଖ୍ ଦିନ ଇ ବାବ୍‌ଦେ ବିଜ୍ଞପ୍ତି ବାହାର୍‌ବା ଆଉ ୧୦ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଆଏ । ଇନ ଜନେଇ ଦିଆଯାଇପାରେ ଯେ, ବିଜେଡ଼ି ସାଂସଦ୍ ସୁଜିତ୍ କୁମାର୍ ତାଙ୍କର୍ ରାଜ୍ୟସଭା ପଦନୁ ଇସ୍ତଫା ଦେବାର୍ ଉତ୍‌ରୁ ଇ ଆସନ୍ ଲାଗି ଭୋଟ୍ କରାଯାଉଛେ ।

ଓଡ଼ିଶା ସହେତେ ୪ ଟା ରାଜ୍ୟର ୬ ଟା ରାଜ୍ୟସଭା ଆସନ୍ ଲାଗି ଉପ ନିର୍ବାଚନ୍ ହେବା ।

ସୁଭଦ୍ରା ଯୋଜନା          ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ପହେଲା କିସ୍ତି ଲାଗି ଆବେଦନ୍ କର୍‌ବାର୍ ସମୟସୀମା ରାଜ୍ୟ ସର୍‌କାର୍ ଧାରିଜ୍ କରିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ଯେ, ପହେଲା ଖେପ୍ କିସ୍ତି ପାଏବାର୍ ଲାଗି ଆଏବା ବଛର୍ ମାର୍ଚ୍ଚ ମାସ୍ ୭ ତାରିଖ୍ ଶେଷ୍ ଦିନ୍ ରଖାଯାଇଛେ ।

ସମ୍ବିଧାନ୍ ଦିବସ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବିଜେପି ତର୍‌ଫୁ ଜିଲ୍ଲା କାର୍ଯ୍ୟାଳୟ ନ ସମ୍ବିଧାନ୍‌ର ସୁରକ୍ଷା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ସଭାପତି ବିପ୍ରଚରଣ୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଆମ୍ବେଦ୍‌କର୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଇତାର୍‌ଛଡ଼ା ଜିଲ୍ଲାର୍ ଦହ୍ୟା ଠାନେ ଥିବା ଜୀବନ୍ ବିକାଶ୍ ମାଧ୍ୟମିକ ବିଦ୍ୟାଳୟ ନ କେନ୍ଦ୍ର ସର୍‌କାର୍‌ଙ୍କର୍ ଯୁବବ୍ୟାପାର୍ ଆଉ

କ୍ରୀଡ଼ା ମନ୍ତ୍ରଣାଳୟ ମେରା ଯୁବା ଭାରତ୍ ତରଫ଼ୁ ସମ୍ବିଧାନ୍ ଦିବସ୍ ପାଳନ୍ କରାଯାଇଛେ ।

ସମ୍ବିଧାନ୍ ଦିବସ୍-ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ ଆର୍‌ଏନ୍‌ୟୁ/

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତର୍‌ଫୁ ସମ୍ବିଧାନ୍ ଦିବସ୍ ପାଲିତ୍ ହେଇଯାଇଛେ । ସମ୍ବଲପୁରର ଅତିରିକ୍ତ ମଣ୍ଡଳ ରେଲପ୍ରବନ୍ଧକ ଆନନ୍ଦ ସିଂ ସବୁ ରେଲ୍ ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ଭାରତୀୟ ସମ୍ବିଧାନ୍‌ର ପ୍ରସ୍ତାବନା ପାଠ କରେଇଥିଲେ ।

ରାଷ୍ଟ୍ରୀୟ ଦୁଗ୍ଧ ଦିବସ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଦୁଗ୍ଧ ଶୀତଲ୍‌ଭଣ୍ଡାର୍ କାର୍ଯ୍ୟାଳୟ ପରିସର୍ ନ ରାଷ୍ଟ୍ରୀୟ ଦୁଗ୍ଧ ଦିବସ୍ ପାଲିତ୍ ହେଇଯାଇଛେ । ଖଡ଼ିଆଲ୍ ପ୍ରାଣୀ ଚିକିତ୍ସା ଅଧିକାରୀ ହେମଲତା ମେହେର୍ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରାଣୀଧନର ଆବଶ୍ୟକ ଚିକିତ୍ସା, ଟୀକାକରଣ୍ ଆଉ ଗାଈକେ ପୁଷ୍ଟିକର ଖାଦ୍ୟ ଦେବାର୍ ଲାଗି ଦୁଗ୍ଧ ଚାଷୀମାନ୍‌କୁ ପରାମର୍ଶ ଦେଇଥିଲେ ।

ଭୋଟର୍ ସଚେତନତା ରଥ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଭୋଟର୍ ସଚେତନତା ରଥର୍ ଆଏଜ୍ ଶୁଭାରମ୍ଭ କରାଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଇ ସଚେତନତା ରଥର ଶୁଭାରମ୍ଭ କରିଛନ୍ । ଇ ରଥ ସାରା ଜିଲ୍ଲା ବୁଲ୍‌ବା ଆଉ ଭୋଟର୍ ତାଲିକା ସଂଶୋଧନ୍ ଅବ୍‌ସରେ ଯୋଗ୍ୟ ଲୁକ୍‌କର୍ ନାଁ ପଞ୍ଜିକରଣ୍ କର୍‌ବାର୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବା ।

ରାଷ୍ଟ୍ରୀୟ ଦୁଗ୍ଧ ଦିବସ୍          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଓମ୍‌ଫେଡ୍ ଡାଇରୀ ତର୍‌ଫୁ ଆଏଜ୍ ରାଷ୍ଟ୍ରୀୟ ଦୁଗ୍ଧ ଦିବସ୍ ପାଲିତ୍ ହେଇଯାଇଛେ । ଇଥି ଓମ୍‌ଫେଡ୍‌ର ବିଶ୍ୱସନୀୟତା ଆର୍ ଦୁଗ୍ଧଜାତ ସାମଗ୍ରୀର ପ୍ରସ୍ତୁତି ଆର୍ ବିକ୍ରିବଟା ଉପ୍‌ରେ ଆଲୋଚନା କରାଯାଇଥିଲା । ଖାସ୍ କରି ଗୋପାଲନ୍ ସହେତେ ଦୁଗ୍ଧ ଉତ୍ପାଦନ୍ ଆଉ ଗୋପାଲକମାନ୍‌କର୍ ଅର୍ଥନୈତିକ୍ ବିକାଶ୍‌ଥି ସର୍‌କାର୍‌ଙ୍କର୍ କାମଧେନୁ ଯୋଜ୍‌ନା ବାବ୍‌ଦେ ଓମ୍‌ଫେଡ୍‌ର ନିର୍ଦ୍ଦେଶକ୍ ନୀତିନ୍ ଦେଶ୍‌ମୁଖ୍ ଆଲୋଚନା କରିଥିଲେ ।